# ସହରାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

ଛତ୍ରପୁର,୧୩।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ସହରାଞ୍ଚଳଗୁଡ଼ିକରେ ସ୍ୱଚ୍ଛ ଭାରତ ମିଶନ ଏକ ପ୍ରକାର ଫେଲ୍ ମାରିଛି। ଏହି ଯୋଜନାରେ ଆସିଥିବା ଅର୍ଥର ଖର୍ଚ୍ଚ ମଧ୍ୟ ନୈରାଶ୍ୟଜନକ ରହିଛି। ଏପରିକି ବହୁ ପ୍ରକଳ୍ପର କାମ ଆରମ୍ଭ ନ ହୋଇ ପଡିରହିଛି। ଆର୍ଥିକବର୍ଷ ଶେଷ ହେବାକୁ ଆଉ ୩ ମାସ ବାକି ଥିବାବେଳେ ଏହା କେବେ ସରିବ ସେ ନେଇ ସନ୍ଦେହ ଦେଖାଦେଇଛି। ମଙ୍ଗଳବାର ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷରେ ହୋଇଥିବା ଗଞ୍ଜାମ ଜିଲା ସହରାଞ୍ଚଳ ସଂସ୍ଥା ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରି ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ ।

ମିଳିଥିବା ସୂଚନା ଅନୁସାରେ ଜିଲାର ୧୭ ସହରାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନରେ ୪୨୫ଟି ପ୍ରକଳ୍ପ ପାଇଁ ୧୨୯୫.୭୩ ଲକ୍ଷ ଟଙ୍କାର ଅନୁଦାନ ବ୍ୟବସ୍ଥା ହୋଇଥିଲା। ସେଥିରୁ ମାତ୍ର ୫୬ଟି ପ୍ରକଳ୍ପ କାମ ସରିଛି ଏବଂ ଏହି ବାବଦରେ ୬୧.୦୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଛି। ଉକ୍ତ ଖର୍ଚ୍ଚ ବାବଦରେ ୟୁସି ମଧ୍ୟ ଦାଖଲ ହୋଇନି । ଅନୁଦାନ ଅର୍ଥ ଖର୍ଚ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ସଂସ୍ଥାଗୁଡିକ ଭଲ କାମ କଲେ ସ୍ୱଚ୍ଛ ଭାରତ ମିଶନରେ ଗଞ୍ଜାମ ଜିଲାକୁ ଭଲ ର୍‍ୟାଙ୍କ ମିଳିବ ବୋଲି କୁହାଯାଇଥିଲା । ମୁକ୍ତା ଯୋଜନା, ଅମୃତ ଯୋଜନା, ସ୍ୱଚ୍ଛ ସର୍ବେକ୍ଷଣ, ଆହାର କେନ୍ଦ୍ର ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ବ୍ୟବସ୍ଥା କରିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏପରିକି ସମସ୍ତ ଯୋଜନାର କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ୬୦ ପ୍ରତିଶତ ଓ ଜାନୁୟାରୀ ଶେଷ ସୁଦ୍ଧା ୧୦୦ ପ୍ରତିଶତ ସାରିବାକୁ ଜିଲାପାଳ ଟାର୍ଗେଟ ଦେଇଛନ୍ତି। ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସବୁ ସହରାଞ୍ଚଳକୁ ଯାଇ ଫାଇଲ ଯାଞ୍ଚ ଓ ତଥ୍ୟ ଅପଲୋଡ୍ କରିବେ। ଗୋପାଳପୁର ବେଳାଭୂମି ମହୋତ୍ସବରେ ସବୁ ସହରାଞ୍ଚଳର ୪ଜଣ ଲେଖାଏ ସଫେଇ କର୍ମଚାରୀ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ ଓ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ସନ୍ଦେହ

**ବ୍ରହ୍ମପୁର ଅଫିସ,୧୩।୧୨:** ବ୍ରହ୍ମପୁର ସଦର ଥାନା ପୋଲିସ ମଙ୍ଗଳବାର ସକାଳେ ବାଇଗଣବାଡ଼ି ନିକଟ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବଉଳଝୋଲି ଗ୍ରାମର ଉମାଚରଣ ବିଷୋୟୀ(୨୬)। ଘଟଣାସ୍ଥଳରୁ ମୃତକଙ୍କ ବାଇକ, ମୋବାଇଲ ଫୋନ ଓ ଚପଲ ପୋଲିସ ଜବତ କରିଛି। ସୋମବାର ରାତିରେ ଏକ ଫୋନ କଲ୍ ପାଇ ଘରୁ କେଉଁଆଡ଼େ ଯାଉଥିବା ବେଳେ ମୃତ୍ୟୁ ମୁଖରେ ପଡିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଉମାଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ବିଳମ୍ବିତ ରାତିରେ ଉମାଙ୍କୁ କିଏ ଫୋନ କରିଥିଲା, ସେ ଏକାକି କୁଆଡ଼େ ଯାଉଥିଲେ ଏପରି ଅନେକ ଦିଗ ଉପରେ ପୋଲିସ ତଦନ୍ତ କରୁଥିବା କହିଛି। ଉମାଙ୍କ ବାପା ନିରଞ୍ଜନ ବିଷୋୟୀଙ୍କୁ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବତୀ ଫୋନ କରି ତୁମ ପୁଅର ମୃତଦେହ ନୂଆବାଇଗଣବାଡ଼ି ନିକଟରେ ପଡିଛି ବୋଲି କହିଥିଲେ। ଏହାଶୁଣି ନିରଞ୍ଜନ ଓ ତାଙ୍କର ଅନ୍ୟ ଜଣେ ପୁଅ ଧର୍ମ ବିଷୋୟୀ ଓ କେତେଜଣ ସମ୍ପର୍କୀୟ ଘଟଣାସ୍ଥଳକୁ ଯାଇ ଉମା ପଡ଼ିଥିବା ଦେଖିଥିଲେ। ଏ ନେଇ ସେମାନେ ତୁରନ୍ତ ସଦର ଥାନା ପୋଲିସକୁ ଜଣାଇ ଉମା ବଞ୍ଚିଥିବେ ଭାବି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଉମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ସଂକ୍ରାନ୍ତରେ ନଂ.୭୭/୨୨ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଉମାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସଦର ଥାନାଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

### ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ୬ ଲକ୍ଷ ଠକେଇ

#### ଅଭିଯୋଗ ପରେ ପୋଲିସର ତଦନ୍ତ

**ବ୍ରହ୍ମପୁର ଅଫିସ,୧୩।୧୨:** ଜଣେ ବରିଷ୍ଠ ନାଗରିକଙ୍କ ଏସ୍‌ବିଆଇରେ ଥିବା ଆକାଉଣ୍ଟରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହୋଇଛି। ବରିଷ୍ଠ ନାଗରିକ ସୁକାନ୍ତ ପାତ୍ର ଏହି ଅଭିଯୋଗ କରିଛନ୍ତି। ପେନସନ୍ ଟଙ୍କା ଆସିବା ନେଇ ସୁକାନ୍ତ ପାତ୍ରଙ୍କ ପାଖକୁ କୌଣସି ବ୍ୟାଙ୍କ ମେସେଜ୍ ନ ଆସିବାରୁ ଗତ ୩ ତାରିଖରେ ସେ ବ୍ରହ୍ମପୁର ଏସବିଆଇ ମୁଖ୍ୟ ଶାଖାକୁ ଯାଇଥିଲେ। ସେଠାରେ ନିଜ ଜମାଖାତା ଅପଡେଟ୍ କଲାବେଳେ ତାଙ୍କ ଆକାଉଣ୍ଟରୁ ବିଭିନ୍ନ ଆକାଉଣ୍ଟକୁ ୧୧ ଥରରେ ୬ଲକ୍ଷ ୩ହଜାର ୩୦୧ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଟଙ୍କା ନେଣଦେଣ ପାଇଁ ମୋବାଇଲରେ କୌଣସି ଅନଲାଇନ ଆପ୍ ବ୍ୟବହାର କରୁ ନ ଥିବା ବେଳେ ତାଙ୍କ ପାଖକୁ ମଧ କେଣସି ଲିଙ୍କ୍ ଅବା ଓଟିପି ମଧ ଆସି ନ ଥିଲା। ସେ କେବଳ ନିଜ ଏଟିଏମ୍ କାର୍ଡ଼ ନ ହେଲେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଉଥିଲେ। କିଭଳି ତାଙ୍କ ଅଜାଣତରେ ଅନ୍ୟ ଆକାଉଣ୍ଟକୁ ଟଙ୍କା ଗଲା, ସେନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଏଭଳି ଅନିୟମିତତା ସମ୍ପର୍କରେ ଆବଶ୍ୟକ ତଥ୍ୟ ସଂଗ୍ରହ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ସମୟ ମାଗିଥିଲେ। ତେବେ ସେହି ଅଭିଯୋଗ ନେଇ ପାତ୍ର ସାଇବର ଓ ଅର୍ଥନେତିକ ଥାନାର ଦ୍ୱାରସ୍ଥ ହୋଇଥିଲେ।ପୋଲିସ ନଂ.୫୧/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଛାତ୍ରୀନିବାସ ଗେଟ୍ ଖୋଲିବା ଦାବି ନେଇ ଧାରଣା

ବ୍ରହ୍ମପୁର ଅଫିସ,୧୩।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ ଘଟଣାକୁ ନେଇ ବାରମ୍ବାର ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେଉଛି। ବିଶ୍ୱବିଦ୍ୟାଳୟର ଦୁଇଟି ମୁଖ୍ୟ ଫାଟକ ବନ୍ଦ କରାଯାଇଥିବା ବେଳେ ଏହାକୁ ଖୋଲିବା ଦାବି ନେଇ ପୂର୍ବରୁ ଆଖାପାଖ ୫ଖଣ୍ଡ ଗାଁ ଲୋକେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ଧାରଣା ଦେଇଥିଲେ। ମଙ୍ଗଳବାର ପୁଣି ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ ଗେଟ ଖୋଲିବା ଦାବିରେ ଛାତ୍ରୀମାନେ ପ୍ରଶାସନିକ କୋଠା ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଯେ, ଅସାମାଜିକଙ୍କ ଦାଉରୁ କ୍ୟାମ୍ପସକୁ ସୁରକ୍ଷା ଦେବା ନାଁରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନଇଚ୍ଛା କ୍ୟାମ୍ପସ ଚତୁପାର୍ଶ୍ୱର ଗେଟ ବାରମ୍ବାର ବନ୍ଦ କରୁଛନ୍ତି। ଫଳରେ କ୍ୟାମ୍ପସରୁ ବିଶ୍ୱବିଦ୍ୟାଳୟକୁ ଯାତାୟତ କରୁଥିବା ରାସ୍ତା ଜନଶୂନ୍ୟ ଓ ଅନ୍ଧାର ରହୁଥିବା ବେଳେ ସାକ୍ଷାତ କରିବାକୁ ଆସୁଥିବା ଅଭିଭାବକମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ କରିଥିଲେ। ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ହଷ୍ଟେଲ ୱାର୍ଡେନ ପ୍ରଫେସର ସୁଶାନ୍ତ କୁମାର ବରାଳ, ଉପ କୁଳସଚିବ ଡ଼. ବାବୁଜୀ ସାମଲ, ସହ କୁଳସଚିବ ଡ଼. ସରୋଜ କୁମାର ଦାଶ ଧାରଣାସ୍ଥଳକୁ ଆସି ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବର୍ତ୍ତମାନ ଅନୁପସ୍ଥିତ ଅଛନ୍ତି। ସେ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ଛାତ୍ରୀ ନିବାସ ଫାଟକ ନିୟମିତ ଭାବେ ସକାଳ ୬ଟା ଠାରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଖୋଲିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀମାନେ ଧାରଣାରୁ ଓହରିଥିଲେ।

# ୩ ତାଲାବନ୍ଦ ଘରୁ ଟଙ୍କା, ସୁନା ଚୋରି

ବ୍ରହ୍ମପୁର ଅଫିସ,୧୩।୧୨

ଦୁଇଟି ଥାନା ଇଲାକାରୁ ଲୁଟିଆ ଗ୍ୟାଙ୍ଗ ୩ଟି ତାଲାବନ୍ଦ ଘରୁ ସୁନା ଗହଣା, ଟଙ୍କା, ମୋଟର ପମ୍ପ ଆଦି ଚୋରି କରିଛନ୍ତି। ସଦର ଥାନା ଅନ୍ତର୍ଗତ ଲୋଚପଡ଼ା ବ୍ରଜନଗର ତୃତୀୟ ଲାଇନରେ ରହୁଥିବା ସୁରେଶ ଚନ୍ଦ୍ର ପଣ୍ଡା ଓ ତାଙ୍କ ଘରେ ଭଡାରେ ରହୁଥିବା ପ୍ରାଣବେଶ ପ୍ରଧାନଙ୍କ ତାଲାବନ୍ଦ ଘରୁ ଦୁର୍ବୃତ୍ତମାନେ କଳାକାନା ବୁଲାଇଛନ୍ତି। ସୁରେଶଙ୍କ ଘରୁ ୨୮ ଗ୍ରାମର ସୁନା ହାର, କାନଫୁଲ ଓ ମୁଦି ସହ ଦୁଇଟି ରୁପା ଟଙ୍କା, ଦୁଇ ହଳ ପାଉଁଜି ଏବଂ ୨୪ ହଜାର ଟଙ୍କା ଚୋରି ହୋଇଛି। ସେହିପରି ପ୍ରାଣବେଶଙ୍କ ଘରୁ ୫୨ ଗ୍ରାମର ସୁନା ଅଳଙ୍କାର, ରୁପା ଚୁଡ଼ି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ପୃଥକ ଦୁଇ ମାମଲା (ନଂ.୬୧୦ ଓ ୬୧୧/୨୨) ରୁଜୁ କରିଛି। ସେହିପରି ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ହିଲପାଟଣା ୫ମ ଲାଇନରେ ରହୁଥିବା ନିରୋଜ କୁମାର ମହାପାତ୍ର ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ସୋମବାର ସେ ଫେରିବାରେ ଘର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘରୁ ଏକ ମୋଟର ପମ୍ପ, ରୋଷେଇ ସାମଗ୍ରୀ ଓ ଆଲମିରାରେ ଥିବା ଟଙ୍କା ଚୋରି ହୋଇଥିବା ନିରୋଜ ଥାନାରେ ଅଭିଯୋଗ କରିଛନ୍ତି। ନଂ.୨୪୬/୨୨ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ଗଞ୍ଜାମ ପ୍ରତିଯୋଗୀଙ୍କ ଅନୁଗୋଳ ଯାତ୍ରା


ଗଞ୍ଜାମ ଜିଲା ଟେବୁଲ ଟେନିସ ପ୍ରତିଯୋଗୀ ଓ ସଂଘ ସଦସ୍ୟ ।

ବ୍ରହ୍ମପୁର ଅଫିସ,୧୩।୧୨

**ଆନ୍ତଃଜିଲା ଟେବୁଲ ଟେନିସ୍ ପ୍ରତିଯୋଗିତା**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ପକ୍ଷରୁ ୨୮ତମ ଆନ୍ତଃଜିଲା ଟେବୁଲ ଟେନିସ ପ୍ରତିଯୋଗିତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଗୋଳସ୍ଥିତ ଇନଡୋର ଷ୍ଟାଡ଼ିୟମଠାରେ ହେବାକୁ ଯାଇଛି। ଏଥିରେ ଭାଗ ନେବା ଲାଗି ଗଞ୍ଜାମ ଜିଲା ଟେବୁଲ ଟେନିସ ମହିଳା ଓ ପୁରୁଷ ପ୍ରତିଯୋଗୀମାନେ ମଙ୍ଗଳବାର ଅନୁଗୋଳ ଅଭିମୁଖେ ଯାତ୍ରା କରିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ ପୁରୁଷ ଓ ୩ଜଣ ମହିଳା ପ୍ରତିଯୋଗୀ ଅଛନ୍ତି। ପୁରୁଷ ପ୍ରତିଯୋଗୀମାନେ ହେଲେ ପାର୍ଥ କୁମାର ପାତ୍ର, ଏ.ସନ୍ତୋଷ ରାଓ, ଅମର ବେହେରା, ଜୟ ବେହେରା, ମୁନା ବେହେରା, ଦିନେଶ କୁମାର ବେହେରା, ସଞ୍ଜୟ ବେହେରା, ଚନ୍ଦନ ବେହେରା, ପ୍ରୟାସ କୁମାର ପରିଡ଼ା, ଦିଲେଶ୍ୱର ବେହେରା, ରିଶିକେଶ ନାୟକ, ମିଥିଲେଶ ମହାପାତ୍ର, ଚିଦାନନ୍ଦ ପାଣି ଓ ମହିଳା ପ୍ରତିଯୋଗୀମାନେ ହେଲେ ଏ.ସାଇଲକ୍ଷ୍ମୀ ରାଓ, ପୁଷ୍ପାଞ୍ଜଳି ବେହେରା, ସନ୍ତୋଷୀ ସୁଆଁଶିଆ । ପ୍ରତିଯୋଗୀମାନଙ୍କ ସହ ଟିମ କୋଚ ଓ ମ୍ୟାନେଜର ମଧ୍ୟ ଯାଇଛନ୍ତି। ଖଲିକୋଟ ବିଶ୍ୱବିଦ୍ୟାଳୟ ଇନଡୋର ହଲ ଠାରେ ଜିଲା ଟେବୁଲ ଟେନିସ ସଂଘ ପକ୍ଷରୁ ସଭାପତି ସଞ୍ଜୟ କୁମାର ବିଶୋୟୀ, ସମ୍ପାଦକ ଦୁଷ୍ମନ୍ତ ପାଢୀ, ଉପସଭାପତି ଗୌରୀ ମିଶ୍ର ଓ ଅନ୍ୟମାନେ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଏମ୍‌ସି କର୍ତ୍ତୃପକ୍ଷ-ଭାଜପା ବିବାଦ ତେଜୁଛି

ବ୍ରହ୍ମପୁର ଅଫିସ,୧୩।୧୨

**ଆଜି ବ୍ରହ୍ମପୁର ଆସିବେ ଭାଜପା ରାଜ୍ୟ ନେତା**

ବ୍ରହ୍ମପୁରରେ ମଶା ଉପଦ୍ରବକୁ ନେଇ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଏବଂ ମହାନଗର ନିଗମ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବାଦବିବାଦ କ୍ରମଶଃ ବଢ଼ିବାରେ ଲାଗିଛି। ନେତା ଓ କର୍ମୀ ସ୍ମାରକପତ୍ର ଦେବା ପାଇଁ ଗତ ଶନିବାର ଯାଉଥିବା ବେଳେ କମିଶନର ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପୋଲିସ ଭୟ ଦେଖାଇଥିଲେ। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଆନ୍ଦୋଳନ ଓ ଧାରଣା ଦିଆଯାଇଥିଲା। ମେୟର ପହଞ୍ଚି ସମାଧାନ କରିଥିଲେ। ତେବେ ରବିବାର ନିଗମ କର୍ମଚାରୀ ଭାଜପା ନେତା ଓ କର୍ମୀଙ୍କ ନାଁରେ ଟାଉନ ଥାନାରେ ଏତଲା ଦେଇଥିଲେ। ଏହାକୁ କାଉଣ୍ଟର କରି ଭାଜପା କର୍ମକର୍ତ୍ତା କମିଶନରଙ୍କ ବିରୋଧରେ ପାଲଟା ଏତଲା ଦେଇଥିଲେ।

ତେବେ ଉଭୟ ପକ୍ଷର ମାମଲା ପୋଲିସ ରୁଜୁ କରିଛି କି ନାହିଁ ଅସ୍ପଷ୍ଟ ରହିଛି। ତେବେ କମିଶନରଙ୍କ ନାଁରେ ଏତଲା ଦେଇଥିବା ଭାଜପା ଉପସଭାପତି ରାମକୁମାର ପାତ୍ରଙ୍କ କମାପଲ୍ଲୀ କୋର୍ଟପେଟାରେ ଥିବା ତାଙ୍କ ବାସଭବନ ଏବଂ ସାମ୍ନାରେ ଥିବା ଦୁର୍ଗା ମଣ୍ଡପରେ ନିଗମ କର୍ମଚାରୀ ଚଢ଼ାଉ କରି ମାପଜୁପ କରିବା ଯୋଗୁ ବିବାଦ ଉଗ୍ରରୂପ ନେଇଛି। ଏହା ଆକ୍ରୋଶମୂଳକ କାର୍ଯ୍ୟ ହୋଇଥିବା ଭାଜପା ଅଭିଯୋଗ କରିଛି। ଅପରପକ୍ଷରେ ଏହି ଘଟଣାକୁ ଭାଜପା ଗୁରୁତ୍ୱ ଦେଇଛି। ପ୍ରତିବାଦରେ ଲଗାତର ଆନ୍ଦୋଳନ କରିବା ଲାଗି ପ୍ରସ୍ତୁତି ଚାଲିଥିବା ବରିଷ୍ଠ ନେତା କାହ୍ନୁ ଚରଣ ପତି ସୂଚାଇଛନ୍ତି।

ଶନିବାର ଘଟଣାର ମେୟର ସମାଧାନ କରିଥିବା ସତ୍ତ୍ୱେ ବିଏମସି କର୍ମଚାରୀ କାହିଁକି ପୋଲିସରେ ଏତଲା ଦେଲେ ସେନେଇ ବିଭିନ୍ନ ମହଲରୁ ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ବୁଧବାର ଭାଜପା ଜିଲା ସଂଗଠନର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ଏବଂ ନିଗମ କର୍ତ୍ତୃପକ୍ଷଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଏବଂ ଆନ୍ଦୋଳନ କରାଯିବ ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ। ବୈଠକରେ ରାଜ୍ୟ ନେତା ଯୋଗଦେବେ ବୋଲି କହିଛନ୍ତି। ତେଣୁ ଭାଜପା ଓ ବିଏମସି ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ମୁହାଁମୁହିଁ ସ୍ଥିତି ଅଧିକ ଗମ୍ଭୀର ହେବାର ଅନୁମାନ କରାଯାଉଛି।

# ସଚେତନତା ବାର୍ତ୍ତା ବାଣ୍ଟୁଛି ସାଇକେଲ ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୧୩।୧୨

ରୁଟ୍‌ସ ଅଫ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ମିଶନ ଓଡ଼ିଶା ସହଯୋଗରେ ଗତ ୧୧ ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମଠାରୁ ଟୁର ଦି କଳିଙ୍ଗ ସାଇକେଲ ଶୋଭଯାତ୍ରା ବାହାରିଛି। ଶୋଭାଯାତ୍ରାରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନେ ସାଇକେଲରେ ଦୀର୍ଘ ୧୩୦୦ କିମି ଯାତ୍ରା କରି ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିବା ଟିମ ଲିଡ଼ର ତଥା ରୁଟସ୍ ଅଫ ଓଡ଼ିଶା ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର କୁମାର ଦାଶ କହିଛନ୍ତି। ଏଥିସହ ବିଶ୍ୱତାପନକୁ ରୋକିବା, ନିଶା ନିବାରଣ ଓ ପରିବେଶ ପ୍ରଦୂଷଣର ରୋକିବାବହୁ ସଚେତନତା ବାର୍ତ୍ତା ମଧ୍ୟ ବାଣ୍ଟୁଛନ୍ତି। ଏହି ଟିମ ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରେ ପହଞ୍ଚିଥିଲା। ମଙ୍ଗଳବାର ପୂର୍ବାହ୍ନରେ ଟିମକୁ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ ଓ ବ୍ରହ୍ମପୁର ଡ଼ିଏଫଓ ଅମ୍ଲାନ ନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ସ୍ଥିତ ରାଜସ୍ୱ ନିରୀକ୍ଷଣ ବଙ୍ଗଳାରେ ସ୍ୱାଗତ ଜଣାଇଥିଲେ। ଟିମ ଏହି ଅଭିନବ ପ୍ରୟାସ ମାଧ୍ୟମରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ଉଭୟ ଏସପି ଓ ଡ଼ିଏଫଓ ସାଧୁବାଦ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଏହି ଟିମ୍ ପ୍ରଥମ ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରୁ ବାହାରିଛି। ତୃତୀୟ ଦିନ ସୁଦ୍ଧା ପ୍ରାୟ ୪୫୦ କିମି ରାସ୍ତା ଅତିକ୍ରମ କରିଛନ୍ତି। ଏହି ସାଇକେଲ ଶୋଭାଯାତ୍ରା ଡ଼ିସେମ୍ବର ୨୩ ତାରିଖରେ ଉଦଯାପିତ ହେବ। ଶୋଭାଯାତ୍ରା ଓ ସଚେତନ ବାର୍ତ୍ତା ସହ ଏହି ଟିମ ପଥ ମଧ୍ୟରେ ବହୁ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ସାଧାରଣ ଲୋକଙ୍କ ସହ ମିଶି ପରିବେଶ ସଚେତନା, ପ୍ଲାଷ୍ଟିକ ବର୍ଜନ, ସାଇକେଲର ବହୁଳ ଉପଯୋଗ ଭଳି ବହୁ ବିଷୟରେ ସଚେତନ ବାର୍ତ୍ତା ବାଣ୍ଟୁଛନ୍ତି।


ରାଜସ୍ୱ ନିରୀକ୍ଷଣ ଡ଼ାକ ବଙ୍ଗଳାଠାରେ ରୁଟସ୍ ଅଫ ଡ଼ି ଓଡ଼ିଶା ସାଇକେଲ ଟିମ ସହ ବ୍ରହ୍ମପୁର ଏସପି ଓ ଡ଼ିଏଫଓ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ମିକି


@ ପ୍ରିୟଙ୍କା



@ ଯତୀନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
• Fixed + Variable Pay
• Incentives + Foreign Trips
• Rewards + Recognisations
• Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

